## ୨ ଗାଁ କଣ୍ଟେନ୍‌ମେଣ୍ଟ, ୭ ବଫର ଜୋନ୍ ଘୋଷଣା

ପାତ୍ରପୁର, (ଡି.ଏନ.ଏ.): ପାତ୍ରପୁର ବ୍ଲକ ସୁରଙ୍ଗି ପଞ୍ଚାୟତ ତିତିଗାଁ ଓ ପଦାଦିଗୀ ପଞ୍ଚାୟତର କେଲୁଆ ଗ୍ରାମରେ ବହୁ ବ୍ୟକ୍ତି କରୋନା ଆକ୍ରାନ୍ତ ଚିହ୍ନଟ ହେବାରୁ ଜିଲା ପ୍ରଶାସନ ତରଫରୁ ଶୁକ୍ରବାର ଉକ୍ତ ଗ୍ରାମକୁ କଣ୍ଟେନ୍‌ମେଣ୍ଟ ଜୋନ୍ ଘୋଷଣା କରାଯାଇଛି। ସେହିଭଳି ଖରିଆଗୁଡା ପଞ୍ଚାୟତ ପଳାସପୁର ଓ ତମ୍ପାପୁର ସୁରଙ୍ଗି ପଞ୍ଚାୟତର କନିରଡା, ପଦାଦିଗୀ ପଞ୍ଚାୟତର ମର୍ଦ୍ଦରାଜପୁର, ନାରାୟଣପୁର, ତାଲଗୁଡ଼ି ଓ ଦାମୋଦରପଲ୍ଲୀକୁ ବଫର୍ ଜୋନ୍ ଭାବେ ଘୋଷଣା କରାଯାଇଛି। ପ୍ରଶାସନିକ ଅଧିକାରୀମାନେ ସମ୍ପୃକ୍ତ ଗ୍ରାମଗୁଡ଼ିକୁ ଗସ୍ତ କରି ସାନିଟାଇଜ୍ କରିବା ସହ ଦୃଷ୍ଟି ଦେବାକୁ ଜିଲା ପ୍ରଶାସନ ପକ୍ଷରୁ ନିର୍ଦ୍ଦେଶ ଦିଆଯାଇଛି।

### ସଂକ୍ଷେପରେ

## ଗଜପତିରେ ୫୩ ସଂକ୍ରମିତ, ଜଣେ ମୃତ

**ପାରଳାଖେମୁଣ୍ଡି,୨୧।୫:** ରାଜ୍ୟରେ ଶୁକ୍ରବାର ୧୨୫୨୩ ଜଣ ସଂକ୍ରମଣ ହୋଇଥିବା ବେଳେ ଗଜପତିରେ ସର୍ବନିମ୍ନ ୫୩ ଜଣ ଚିହ୍ନଟ ହୋଇଛନ୍ତି। ୧୦୦ ଜଣ ସୁସ୍ଥ ହୋଇଛନ୍ତି। ସଂକ୍ରମିତ ୫୩ ଜଣଙ୍କ ମଧ୍ୟରୁ ପାରଳାଖେମୁଣ୍ଡିରେ ସର୍ବାଧିକ ୧୪, ଗୋଷାଣୀ ବ୍ଲକ ୧୦, ଗୁମ୍ମା ବ୍ଲକରେ ୬, କାଶୀନାଗର ବ୍ଲକରେ ୪, ମୋହନା ବ୍ଲକରେ ୯, ରାୟଗଡ ବ୍ଲକରେ ୫, ଉଦୟଗିରି ବ୍ଲକରେ ୩, ଗଜପତିରେ ଜଣେ ଓ ଆନ୍ଧ୍ରପ୍ରଦେଶରେ ଜଣେ କରୋନା ପଜିଟିଭ୍ ଚିହ୍ନଟ ହୋଇଛନ୍ତି। ସେହିପରି ମୋହନା ବ୍ଲକର ୬୨ ବର୍ଷୀୟ ଜଣେ ପୁରୁଷଙ୍କ ମୃତ୍ୟୁ ଘଟିଥିବା ସୂଚନା ମିଳିଛି। ବର୍ତ୍ତମାନ ସୁଦ୍ଧା ଜିଲାରେ ୭୪୧୯ ଜଣ ଚିହ୍ନଟ ହୋଇଥିବା ବେଳେ ସେଥି ମଧ୍ୟରୁ ୬୭୩୪ ସୁସ୍ଥ ହୋଇଛନ୍ତି।

## ଦୁର୍ଘଟଣାରେ ଜଣେ ମୃତ

**ସୋରଡା,୨୦।୫(ଡି.ଏନ୍.ଏ.):** ସୋରଡ଼ା ଭଞ୍ଜନଗର ରାସ୍ତା ଖପରାଗଣ୍ଡା ବୁଲାଣି ନିକଟରେ ଶୁକ୍ରବାର ଦୁର୍ଘଟଣାରେ ଜଣେ ସ୍କୁଟି ଚାଳକଙ୍କ ମୃତ୍ୟୁ ଘଟିଛି। ସେ ହେଲେ ରଜନୀ ପୋଲେଇ । ବଡବୋରାଶିଙ୍ଗୀରୁ ରଜନୀ ସ୍କୁଟି ଯୋଗେ ସୋରଡ଼ା ଆସୁଥିବା ବେଳେ ଭାରସାମ୍ୟ ହରାଇ ରାସ୍ତା ପାର୍ଶ୍ୱକୁ ଛିଟିକି ପଡିଥିଲେ। ଏସ୍‌ଆଇ ସୁନୀଲ କଣ୍ଡୋଗୋରୀ ପହଞ୍ଚି ତାଙ୍କୁ ଉଦ୍ଧାର କରି ସୋରଡା ମେଡିକାଲ ନେଇଥିଲେ ମଧ ଡାକ୍ତର ମୃତ ଘୋଷଣା କରିଥିଲେ। ସ୍କୁଟିକୁ ପୋଲିସ ଆଣି ଥାନା ପରିସରରେ ରଖିଛି। ସେହିପରି ଗୋଛାରୁ ବାଇକ୍‌ରେ ଗାଜଲବାଡିବାଡିରୁ ଫେରୁଥିବା ୨ ଯୁବକ ନାହାଗଣ୍ଡ ନିକଟ ବୁଲାଣି ରାସ୍ତାରେ ଭାରସାମ୍ୟ ହରାଇ ରାସ୍ତାକଡକୁ ପଡ଼ିଯାଇଥିଲେ। ଦମକଳ ବାହିନୀ ଉଭୟଙ୍କୁ ଆଣି ସୋରଡା ଡାକ୍ତରଖାନାରେ ପହଞ୍ଚାଇଥିଲେ। ସେମାନେ ହେଲେ ଅସୁରବନ୍ଧ ପଞ୍ଚାୟତ ଖାରିକୋଟି ଗ୍ରାମର ବିଦେଶୀ ନାୟକ, ମେରିକୋଟ ପଞ୍ଚାୟତ ବିରିକୋଟର ଚନ୍ଦନ ପାତ୍ର। ବିଦେଶୀଙ୍କୁ ବ୍ରହ୍ମପୁର ମେଡିକାଲ ପଠାଯାଇଛି।

## ଟ୍ରକ-ବାଇକ୍ ମୁହାଁମୁହିଁ, ଜଣେ ମୃତ

**ହିଞ୍ଜିଳିକାଟୁ,୨୧।୫(ଡି.ଏନ୍.ଏ):** ହିଞ୍ଜିଳିକାଟୁ ନିକଟ ସାରୁ ଛକଠାରେ ଶୁକ୍ରବାର ଗୋଟିଏ ସିମେଣ୍ଟ ବୋଝାଇ ଟ୍ରକ୍ ସହ ଏକ ବାଇକ୍ ମୁହାଁମୁହିଁ ଧକ୍କା ହେବାରୁ ଜଣଙ୍କ ମୃତ୍ୟୁ ଘଟିଛି। ବାଇକର ଅନ୍ୟ ଆରୋହୀ ଗୁରୁତର ଆହତ ହୋଇଛନ୍ତି। ମୃତକ ହେଲେ ଆସିକା ଥାନା କେ. ନୁଆଁପଲ୍ଲୀର ଧର୍ମେଶ ପାତ୍ର ଓ ଗୁରୁତର ହେଲେ ଆସିକା ଥାନା ଦେବଭୂମି ଗ୍ରାମର ସଂଯୁକ୍ତା ପ୍ରଧାନ। ଅପରାହ୍ନରେ ଜଗନ୍ନାଥପୁରରୁ ବାଇକ୍ ଯୋଗେ ଧର୍ମେଶ ଓ ସଂଯୁକ୍ତା ଆସିକା ଅଭିମୁଖେ ଯାଉଥିବା ବେଳେ ବିପରୀତ ଦିଗରେ ଆସୁଥିବା ଟ୍ରକ ସହ ମୁହାଁମୁହିଁ ଧକ୍କା ହୋଇଥିଲା। ସ୍ଥାନୀୟ ଲୋକେ ୨ ଆହତଙ୍କୁ ଉଦ୍ଧାର କରି ବ୍ରହ୍ମପୁର ବଡ଼ ଡ଼ାକ୍ତରଖାନାରେ ଭର୍ତ୍ତି କରିଥିଲେ। ସେଠାରେ ଧର୍ମେଶଙ୍କୁ ଡାକ୍ତର ମୃତ ଘୋଷଣା କରିଥିଲେ। ପୋଲିସ ପହଞ୍ଚି ଦୁର୍ଘଟଣାଗ୍ରସ୍ତ ଗାଡ଼ିକୁ ଜବତ କରି ତଦନ୍ତ ଚଳାଇଛି।

## ନୂଆପଡାରେ ଆଉ ଜଣେ କରୋନା ଆକ୍ରାନ୍ତ ମୃତ

**ଚିକିଟି,୨୧।୫(ଡି.ଏନ.ଏ.):** ନୂଆପଡାର ବରିଷ୍ଠ ଚାଷୀ ଏସ୍ ନାରାୟଣ ସୁବୁଦ୍ଧି ଦୁଇଦିନ ତଳେ କରୋନାରେ ମୃତ୍ୟୁ ଘଟିଥିଲା। ଶୁକ୍ରବାର ତାଙ୍କ ପୁତୁରା ଏସ୍.ସମ୍ପଦ ସୁବୁଦ୍ଧି (୩୨)ଙ୍କ ବ୍ରହ୍ମପୁର ବଡ଼ ମେଡିକାଲରେ କରୋନାରେ ମୃତ୍ୟୁ ଘଟିଛି। ଏହାକୁ ମିଶାଇ ନୂଆପଡାରୁ ଏକ ସପ୍ତାହରେ ୩ ଜଣ ମୃତ୍ୟୁ ବରଣ କରିଛନ୍ତି। ଏପରି ସ୍ଥିତିରେ ନୂଆପଡା ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ରରେ ୧୦୦ରୁ ଊର୍ଦ୍ଧ୍ୱ ଗ୍ରାମବାସୀ ନିର୍ଭର କରୁଥିବା ବେଳେ ଏଠାରେ ମାତ୍ର ଦୁଇଗୋଟି ଅକ୍ସିଜେନ ସିଲିଣ୍ଡର ପ୍ରଶାସନ ଯୋଗାଡ଼ କରିଛି। ଏ ନେଇ ଭାଜପା ନେତା ମନୋରଞ୍ଜନ ଦ୍ୟାନ ସାମନ୍ତରା କ୍ଷୋଭ ପ୍ରକାଶ କରି ଏଥିପ୍ରତି ଦୃଷ୍ଟି ଦେଇ ଡାକ୍ତର ଯୋଗାଇବାକୁ ବ୍ରହ୍ମପୁର ଉପଜିଲାପାଳଙ୍କୁ ଅନୁରୋଧ କରିଥିଲେ। ଉପଜିଲାପାଳଙ୍କ ନିର୍ଦ୍ଦେଶ ପ୍ରକାରେ ଆସନ୍ତା ଦୁଇ ସପ୍ତାହରେ ଡାକ୍ତର ଯୋଗାଇ ଦେବେ ବୋଲି ସିଡିଏମ୍‌ଓ ପ୍ରତିଶ୍ରୁତି ଦେଇଛନ୍ତି।

## ୯ ଟ୍ରାକ୍ଟର, ହିଟାଚି ଜବତ

**ଆସିକା,୨୧।୫(ଡି.ଏନ.ଏ):** ଆସିକା ଥାନା ବାବନପୁର-ଆଲିପୁର ଗ୍ରାମ୍ୟ ରାସ୍ତାରୁ ଶୁକ୍ରବାର ବେଆଇନ ମାଟି ଚାଲାଣ ହେଉଥିଲା ବେଳେ ପୋଲିସ ୯ ଟ୍ରାକ୍ଟର ସହ ଗୋଟିଏ ହିଟାଚି ଜବତ କରିଛି। ଏହି ମାମଲାରେ ୬ଜଣଙ୍କୁ ଗିରଫ କରାଯାଇଛି। ଆସିକା ଥାନାରେ ନଂ. ୩୦୦/୨୧ରେ ମାମଲା ରୁଜୁ ହୋଇଛି। ଅଭିଯୁକ୍ତମାନେ ଏକ ଇଟାଭାଟି ଲାଗି ଏହି ମାଟି ଖୋଳି ବେଆଇନ ଭାବେ ଆଣୁଥିଲେ ବୋଲି ଥାନାଧିକାରୀ ପ୍ରଶାନ୍ତ କୁମାର ସାହୁ ସୂଚନା ଦେଇଛନ୍ତି।

# ଅଧିକାଂଶ ଆଇସିୟୁ ଭର୍ତ୍ତି, ଶଯ୍ୟା ଅଭାବ ନାହିଁ

### ବ୍ରହ୍ମପୁର, ଛତ୍ରପୁର ପାଇଁ ବଢୁଛି ଚିନ୍ତା

**ଛତ୍ରପୁର,୨୧।୫(ଡି.ଏନ.ଏ.)**

ଗଞ୍ଜାମ ଜିଲାରେ କୋଭିଡ୍ ହସ୍ପିଟାଲ ଓ କୋଭିଡ୍ ସ୍ୱାସ୍ଥ୍ୟକେନ୍ଦ୍ର ସଂଖ୍ୟା ଗତବର୍ଷ ତୁଳନାରେ ବୃଦ୍ଧି କରାଯାଇଛି। ଏଗୁଡିକରେ ଶଯ୍ୟା ଅଭାବ ନ ଥିବା ପ୍ରଶାସନ ଦେଇଥିବା ତଥ୍ୟରୁ ଜଣାପଡିଛି । ଜିଲାରେ ୪ଟି କୋଭିଡ୍ ହସ୍ପିଟାଲ ଓ ୧୦ଟି ଡେଡିକେଟେଡ୍ କୋଭିଡ୍ ସ୍ୱାସ୍ଥ୍ୟକେନ୍ଦ୍ର ରହିଛି। ଏଗୁଡିକରେ ୧୭୯୦ଟି ଶଯ୍ୟା ରହିଛି । ସେଥିମଧ୍ୟରେ ୪ ଟି କୋଭିଡ୍ ହସ୍ପିଟାଲରେ ୮୪୦ ଶଯ୍ୟା ରହିଛି। ବର୍ତ୍ତମାନ ୪୫୫ ଟି ଶଯ୍ୟାରେ କରୋନା ରୋଗୀ ଥିବା ଶୁକ୍ରବାର ସୂଚନା ଦିଆଯାଇଛି । ଏମ୍‌କେସିଜି ଶିଶୁ ୱାର୍ଡ କୋଭିଡ୍ ହସ୍ପିଟାଲରେ ୧୭୦ ଶଯ୍ୟାରୁ ୧୬୩ଟିରେ କରୋନା ରୋଗୀ ଚିକିତ୍ସିତ ହେଉଥିବାବେଳେ ଏମକେସିଜି ପିଏମଏସଏସୱାଇ ବିଲ୍ଡିଂରେ ୩୦୦ରୁ ୧୪୨ଟି, ଅଶ୍ୱିନୀ କୋଭିଡ୍ ହସ୍ପିଟାଲରେ ୧୫୦ ମଧ୍ୟରୁ ୮୯, ଟାଟା କୋଭିଡ୍ ହସ୍ପିଟାଲରେ ୨୨୦ ମଧ୍ୟରୁ ୬୧ ଟି ଶଯ୍ୟାରେ କରୋନା ରୋଗୀ ଅଛନ୍ତି। ସେହିପରି ବ୍ରହ୍ମପୁର ସିଟି ହସ୍ପିଟାଲ କୋଭିଡ୍ ସ୍ୱାସ୍ଥ୍ୟ କେନ୍ଦ୍ର-୧ରେ ୫୦ ଶଯ୍ୟାରୁ ୨୫ଟିରେ କରୋନା ରୋଗୀ ଚିକିତ୍ସିତ ହେଉଥିବାବେଳେ ବିଜୁ ପଟ୍ଟନାୟକ ହୋମିଓପାଥି କଲେଜ ବାଳିକା ହଷ୍ଟେଲ କୋଭିଡ୍ ସ୍ୱାସ୍ଥ୍ୟକେନ୍ଦ୍ରରେ ୫୦ରୁ ୨୮, ମୀନାକ୍ଷୀ ନଗର କୋଭିଡ୍ ସ୍ୱାସ୍ଥ୍ୟକେନ୍ଦ୍ରରେ ୧୦୦ ଶଯ୍ୟାରୁ ୪୬, ସିଟି ହସ୍ପିଟାଲ କୋଭିଡ୍ ସ୍ୱାସ୍ଥ୍ୟକେନ୍ଦ୍ରରେ ୧୨୫ ଶଯ୍ୟାରୁ ୨୫, ଆଇଟିଆଇ କଲେଜ ବାଳିକା ହଷ୍ଟେଲ କୋଭିଡ୍ ସ୍ୱାସ୍ଥ୍ୟକେନ୍ଦ୍ରରେ ୧୫୦ ଶଯ୍ୟାରୁ ୭୦, ଆସିକା ଲେପ୍ରୋସି ହସ୍ପିଟାଲ କୋଭିଡ୍ ସ୍ୱାସ୍ଥ୍ୟକେନ୍ଦ୍ରରେ ୧୫୦ ଶଯ୍ୟାରୁ ୨୭, ହିଞ୍ଜିଳିକାଟୁ କୋଭିଡ୍ ସ୍ୱାସ୍ଥ୍ୟକେନ୍ଦ୍ରରେ ୭୫ ଶଯ୍ୟାରୁ ୩୧, ଭଞ୍ଜନଗର କୋଭିଡ୍ ସ୍ୱାସ୍ଥ୍ୟକେନ୍ଦ୍ରରେ ୧୦୦ ଶଯ୍ୟାରୁ ୨୬ ଏବଂ ବ୍ରହ୍ମପୁର ଖ୍ରୀଷ୍ଟିୟାନ ହସ୍ପିଟାଲରେ ୫୦ ଶଯ୍ୟାରୁ ୨୦ଟି ଶଯ୍ୟାରେ କରୋନା ରୋଗୀ ଅଛନ୍ତି। ଅପରପକ୍ଷରେ ଉକ୍ତ ହସ୍ପିଟାଲରେ ଥିବା ଆଇସିୟୁ ରହିତ ଶଯ୍ୟା ମଧ୍ୟରୁ ଅଧିକାଂଶ ଶଯ୍ୟାରେ କରୋନା ରୋଗୀ ଥିବା ସୂଚନା ଦିଆଯାଇଛି । ଏଥିସହ ଜିଲାର ବିଭିନ୍ନ ଉପଖଣ୍ଡ ହସ୍ପିଟାଲ ଓ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ କରୋନା ମାଇଲ୍ଡ ଥିବା ରୋଗୀଙ୍କୁ ଚିକିତ୍ସା କରିବାର ସୁବିଧା କରାଯାଇଛି।

ଗଞ୍ଜାମରେ ଆଉ ୩୬୯ କରୋନା ସଂକ୍ରମିତ ଚିହ୍ନଟ ହୋଇଥିବା ବେଳେ ୩୨୫ ଜଣ କରୋନାରୁ ସୁସ୍ଥ ହୋଇଥିବା ଜିଲାପାଳ ବିଜୟ ଅମୃତା କୁଲାଙ୍ଗେ ଶୁକ୍ରବାର ଟୁଇଟ୍ କରି ସୂଚନା ଦେଇଛନ୍ତି। ବର୍ତ୍ତମାନ ଜିଲାରେ ୧୯୬୪ ଜଣ କରୋନା ରୋଗୀ ସକ୍ରିୟ ଅଛନ୍ତି। ଗୁରୁବାର ୨୨୧୯ ଜଣଙ୍କ କରୋନା ଟେଷ୍ଟ କରାଯାଇଛି । ତେବେ ବ୍ରହ୍ମପୁର, ଛତ୍ରପୁର ଆଖପାଖ ଅଂଚଳରେ କରୋନା ତାର କାୟା ବିସ୍ତାର କରିଚାଲିଛି । ଜିଲାରେ ସର୍ବାଧିକ ବ୍ରହ୍ମପୁର ମହାନଗର ନିଗମରୁ ୧୨୬ ଜଣ କରୋନା ପଜିଟିଭ୍ ଚିହ୍ନଟ ହୋଇଥିବା ସୂଚନା ଦିଆଯାଇଛି।

## ମନ୍ମଥ ସଙ୍ଗୀତ ନାଟକ ଏକାଡେମୀ ଉପସଭାପତି

**ଭଞ୍ଜନଗର,୨୧।୫(ଡି.ଏନ.ଏ)**


ମନ୍ମଥ କୁମାର ଶତପଥୀ ।

ଓଡ଼ିଶା ସଙ୍ଗୀତ ନାଟକ ଏକାଡ଼େମୀର ପୂର୍ବତନ ସମ୍ପାଦକ ତଥା ବିଶିଷ୍ଟ ଲୋକ ନାଟକ ଗବେଷକ ମନ୍ମଥ କୁମାର ଶତପଥୀ ବୁଧବାର ଓଡ଼ିଶା ସଙ୍ଗୀତ ନାଟକ ଏକାଡ଼େମୀର ଉପସଭାପତି ଭାବେ ମନୋନୀତ ହୋଇଛନ୍ତି। ମନ୍ମଥ ଭଞ୍ଜନଗର ମସ୍‌ଜିଦ୍ ରୋଡ଼ ବାସିନ୍ଦା। ତାଙ୍କୁ ନୂଆ ପଦବୀ ମିଳିବା ପରେ ଭଞ୍ଜନଗର ଅଞ୍ଚଳବାସୀ ଖୁସିବ୍ୟକ୍ତ କରିଛନ୍ତି । ମନ୍ମଥଙ୍କ ସହ ଯୋଗାଯୋଗ କରିବାରୁ ସେ କହିଛନ୍ତି, କରୋନା ଯୋଗୁ କଳାକାରମାନେ ବେସାହାରା ହୋଇପଡ଼ିଛନ୍ତି । ଅନେକ କଳାକାର ଅଭାବ ଅସୁବିଧାରେ ପଡ଼ି ପେଶା ଛାଡ଼ିଦେବାକୁ ବସିଛନ୍ତି । ସେମାନଙ୍କୁ କିଭଳି ଥଇଥାନ କରାଯିବ ଏବଂ କଳାର ବିକାଶ କିଭଳି ହେବ ସେଥିପାଇଁ ଯୋଜନା ପ୍ରସ୍ତୁତ ହେବ। ଲୁକ୍କାୟିତ କଳାକୁ ଲୋକଲୋଚନକୁ ଅଣାଯିବ । ଗବେଷଣା ପ୍ରତି ଗୁରୁତ୍ୱ ଦିଆଯିବ ବୋଲି ମନ୍ମଥ କହିଛନ୍ତି ।

## ସଚେତନ ହେଉନାହାନ୍ତି ଗ୍ରାମାଞ୍ଚଳ ଲୋକେ

**ଛତ୍ରପୁର,୨୧।୫(ଡି.ଏନ.ଏ)**


ସୋରଡାରେ ପୋଲିସ ଭୋଜି ବନ୍ଦ କରୁଛି।

### କୋଭିଡ୍ ନିୟମ ଉଲ୍ଲଂଘନ ଚାଲିଛି

ଗଞ୍ଜାମ ଜିଲାରେ ଦୈନିକ କରୋନା ସଂକ୍ରମିତଙ୍କ ସଂଖ୍ୟା ବୃଦ୍ଧିପାଉଥିବା ବେଳେ ଗ୍ରାମାଞ୍ଚଳରେ ଲୋକେ ଖୋଲାଖୋଲି ଭାବେ କୋଭିଡ୍ ନିୟମକୁ ଉଲ୍ଲଂଘନ କରୁଥିବା ଦେଖିବାକୁ ମିଳୁଛି। ରାଜ୍ୟରେ ଏବେ ବିବାହ ଉତ୍ସବରେ ମାତ୍ର ୨୫ ଜଣ ଏକାଠି ହେବା ଓ ଭୋଜିଭାତ ନ କରିବାକୁ କୁହାଯାଇଛି। ଭୋଜି ବଦଳରେ ପାର୍ସଲ ଦେବାକୁ ନିର୍ଦ୍ଦେଶନାମା ଜାରି ହୋଇଛି। ମାତ୍ର ଗଞ୍ଜାମର ଗ୍ରାମାଞ୍ଚଳରେ ଦୈନନ୍ଦିନ ବିବାହ ଓ ଅନ୍ୟ ଭୋଜିଭାତର ଆସର ଏବଂ ଛକଗୁଡିକରେ ତାସ ଖେଳ ଆଦି ଚାଲିଛି। ଶୁକ୍ରବାର ଛତ୍ରପୁର ଥାନା ଅଧିନ ଜଗତପଲ୍ଲୀରେ ୨ ଭାଇଙ୍କ ବାହାଘର ଭୋଜି ଚାଲିଥିବାବେଳେ ଛତ୍ରପୁର ଅତିରିକ୍ତ ତହସିଲଦାର ଜସ୍ମିନ ପ୍ରଧାନ ଓ ଛତ୍ରପୁର ଥାନା ଏସଆଇ ସତ୍ୟାଜିତ ବେଣିଆ ଓ ରାଜସ୍ୱ ସୁପରଭାଇଜର ଜି.ହରିକୃଷ୍ଣ ଚଢାଉ କରି ୧୦ ହଜାର ଟଙ୍କା ଜରିମାନା ପକାଇଥିଲେ। ଦୁଇ ଦିନ ପୂର୍ବେ ଚିକିଲଖଣ୍ଡି ଗ୍ରାମରେ ମଧ ଜଣେ ଭୋଜି ଆୟୋଜକଙ୍କଠାରୁ ୧୦ ହଜାର ଟଙ୍କା ଜରିମାନା ଆଦାୟ ହୋଇଥିଲା। ଗଞ୍ଜାମ ପୋଲିସ ଜିଲା ଅଧୀନ ପାଟପୁର, ଶେରଗଡ, ସୋରଡା ଓ ହିଞ୍ଜିଳି ଥାନା ପୋଲିସ ପକ୍ଷରୁ ୪ଟି ବିବାହ ଭୋଜିକୁ ବନ୍ଦ କରାଯିବା ସହ ଭୋଜି ଆୟୋଜକଙ୍କ ଉପରେ ଜରିମାନା ପକାଯାଇଥିବା ଏସ୍‌ପି ବ୍ରିଜେଶ କୁମାର ଟୁଇଟ୍ କରି ସୂଚନା ଦେଇଛନ୍ତି। ଦିନକ ପୂର୍ବରୁ ବିଭିନ୍ନ ଥାନା ପୋଲିସ ପକ୍ଷରୁ ତହସିଲଦାରଙ୍କ ସହାୟତାରେ ୧୨ ଟି ବିବାହ ଭୋଜି ବନ୍ଦ କରାଯାଇଥିଲା । ଜିଲାରେ ଏବେ ପାଖାପାଖି ୨ ହଜାର ସକ୍ରୀୟ କରୋନା ରୋଗୀ ଅଛନ୍ତି। ଜିଲାର ବ୍ରହ୍ମପୁର, ଛତ୍ରପୁର ଓ ଆଖପାଖ ଅଞ୍ଚଳରେ ସଂକ୍ରମିତଙ୍କ ସଂଖ୍ୟା ବୃଦ୍ଧି ପାଇବାରେ ଲାଗିଛି। ଏହି ସ୍ଥିତିରେ ଭୋଜିଭାତ କରିବା ସହ ସାମାଜିକ ଦୂରତା ଉଲ୍ଲଂଘନ ପରିସ୍ଥିତିକୁ ସଙ୍ଗୀନ କରିପକାଉଛି । ଗତ ୨୪ ଘଣ୍ଟାରେ ମାସ୍କ, ସାମାଜିକ ଦୂରତା ଓ ଗାଡି ଯାଞ୍ଚରୁ ୨ ଲକ୍ଷ ୬୩ ହଜାର ଟଙ୍କା ଜରିମାନା ଆଦାୟ କରାଯାଇଛି।

## ଅଭିଯୁକ୍ତଙ୍କ ଡିଏନ୍‌ଏ ଟେଷ୍ଟ ପାଇଁ ନମୁନା ସଂଗ୍ରହ

### ମାତୃତ୍ୱ ଲାଭ କଲେ ବଳାତ୍କାର ପୀଡ଼ିତା

**ବ୍ରହ୍ମପୁର ଅଫିସ,୨୧।୫**

ଜଣେ ନାବାଳିକାଙ୍କୁ ଅପହରଣ ପରେ ବଳାତ୍କାର ମାମଲାରେ ଅଭିଯୁକ୍ତ ଗ୍ରାମରକ୍ଷୀ ଲଳିତ ସାହୁଙ୍କୁ ୨୦୨୦ ଏପ୍ରିଲ ୧୪ ତାରିଖରେ ବୈଦ୍ୟନାଥପୁର ଥାନା ପୋଲିସ ଗିରଫ କରିଥିଲା। ବର୍ତ୍ତମାନ ସେ ଜେଲରେ ଅଛନ୍ତି। ଅନ୍ୟପକ୍ଷରେ ନିଜ ମା' ବାପାଙ୍କ ସହିତ ରହିଥିବା ବଳାତ୍କାର ପୀଡ଼ିତା ମାତୃତ୍ୱ ଲାଭ କରିଛନ୍ତି। ପିଲାଟି ତାଙ୍କର ନୁହେଁ ବୋଲି ଲଳିତ କୋର୍ଟରେ କହିଥିଲେ। ତେଣୁ ଶିଶୁଟିର ବାପାଙ୍କ ପରିଚୟ ସ୍ପଷ୍ଟ କରିବା ପାଇଁ ଡିଏନ୍‌ଏ ଟେଷ୍ଟ ନିମନ୍ତେ ପୋଲିସ କୋର୍ଟରେ ଆବେଦନ କରିଥିଲା। କୋର୍ଟ ଏଥିପାଇଁ ଅନୁମତି ଦେଇଥିଲେ। ପୋଲିସ ଶୁକ୍ରବାର କୋର୍ଟଙ୍କ ନିର୍ଦ୍ଦେଶକ୍ରମେ ଅଭିଯୁକ୍ତ ଲଳିତଙ୍କୁ ଦିନିକିଆ ରିମାଣ୍ଡରେ ଆଣି ଡିଏନ୍‌ଏ ଟେଷ୍ଟ ପାଇଁ ତାଙ୍କର ନମୁନା ସଂଗ୍ରହ କରାଇବା ପରେ ପୁଣି ଜେଲକୁ ପଠାଇ ଦେଇଛି। ସେପଟେ ମା' ଓ ଶିଶୁର ମଧ ନମୁନା ସଂଗ୍ରହ କରାଯାଇଛି। ଆସନ୍ତା ସୋମବାର ଭୁବନେଶ୍ୱର ରସୁଲଗଡସ୍ଥିତ ଷ୍ଟେଟ୍ ଫରେନ୍ସିକ୍ ଲ୍ୟାବକୁ ନମୁନା ପଠାଯିବ ବୋଲି ପୋଲିସ କହିଛି।

## କାର୍ଯ୍ୟାନୁଷ୍ଠାନ ଦାବି କଲା ବ୍ୟବସାୟୀ ସଂଘ

**ଜି.ଉଦୟଗିରି,୨୧।୫(ଡି.ଏନ.ଏ.)**

### ବ୍ୟବସାୟୀ ସଂଘ ସଦସ୍ୟଙ୍କୁ ମାଡ ଘଟଣା

ବ୍ୟବସାୟୀ ସଂଘ ସଦସ୍ୟ ସଚି ପୃଷ୍ଟି ଗୁରୁବାର ସ୍କୁଟିରେ ଘରକୁ ଫେରୁଥିବା ବେଳେ ଶ୍ରୀରାମପଦାରେ ଡ୍ୟୁଟିରେ ଥିବା ୨ ଜଣ କନଷ୍ଟେବଳ ମାଡ ମାରିଥିବା ଅଭିଯୋଗ ହୋଇଛି। ଏହି ଘଟଣାକୁ ସଚି ବ୍ୟବସାୟୀ ସଂଘକୁ ଜଣାଇବା ସହିତ ଥାନାରେ ଏତଲା ଦେଇଥିଲେ। ଶୁକ୍ରବାର ଏ ନେଇ ବ୍ୟବସାୟୀ ସଂଘର କାର୍ଯ୍ୟକାରିଣୀ ବୈଠକ ବସିବା ସହିତ ସାଧାରଣ ବୈଠକ ମଧ ଅନୁଷ୍ଠିତ ହୋଇଥିଲା। ସଂଘ ସଭାପତି ମନୋଜ କୁମାର ମହାପାତ୍ରଙ୍କ ସଭାପତିତ୍ୱରେ ଆୟୋଜିତ ବୈଠକରେ ଉକ୍ତ ଘଟଣାକୁ ତୀବ୍ର ନିନ୍ଦା କରିବା ସହିତ ସମ୍ପୃକ୍ତ କନଷ୍ଟେବଳଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଦାବି କରିଥିଲେ। ଏଥିସହ ବ୍ୟବସାୟୀ ସଂଘ କାର୍ଯ୍ୟକାରିଣୀ କମିଟି ତରଫରୁ ଏକ ଟିମ୍ ଏସ୍‌ଡିପିଓଙ୍କ ସହିତ ଭାରପ୍ରାପ୍ତ ଥାନାଧିକାରୀ ବିଭୂତି ଭୂଷଣ ମୁଦୁଲିଙ୍କୁ ସାକ୍ଷାତ କରି ଆଲୋଚନା କରିଛନ୍ତି। ସମ୍ପୃକ୍ତ କନଷ୍ଟେବଳଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ନେବା ପାଇଁ ଆମେ ଏସ୍‌ପିଙ୍କୁ ଅବଗତ କରିଛୁ, ଶୀଘ୍ର କାର୍ଯ୍ୟାନୁଷ୍ଠାନ ହେବ। ବ୍ୟବସାୟୀ ସଂଘ ତରଫରୁ ସଭାପତିଙ୍କ ସମେତ ଉପସଭାପତି କାଳୁ ଚରଣ ପଣ୍ଡା, ସହ ସମ୍ପାଦକ ଅରୁଣ କୁମାର ଷଡଙ୍ଗୀ, କାର୍ଯ୍ୟକାରିଣୀ ସଭ୍ୟ ଗଙ୍ଗା ପାତ୍ର, ଉପଦେଷ୍ଟା ରାଜେନ୍ଦ୍ର ମହାପାତ୍ର, ସମୀର କୁମାର ପାଢୀ ପ୍ରମୁଖ ଆଲୋଚନା କରିଥିଲେ।

## କରୋନାରେ ସିଆଇଏସ୍‌ଏଫ ଯବାନ ମୃତ

**ବୁଗୁଡ଼ା,୨୧।୫(ଡି.ଏନ.ଏ.)**

ଶୁକ୍ରବାର ପୁଣି ଜଣେ ସିଆଇଏସ୍‌ଏଫ ଯବାନଙ୍କ ମୃତ୍ୟୁ ଘଟିଛି। ସେ ହେଲେ ବାଲିପଦର କାର୍ଜୀ ସାହିରେ ନରେନ୍ଦ୍ର ବେହେରା (୩୩ )। ସିଆଇଏସଏଫ ଯବାନ ଭାବେ କାର୍ଯ୍ୟରତ ଥିବା ନରେନ୍ଦ୍ର ଦୁଇ ମାସ ତଳେ ଗ୍ରାମକୁ ଆସିଥିବା ବେଳେ ଜ୍ୱରରେ ଆକ୍ରାନ୍ତ ହୋଇ ପଡ଼ିଥିଲେ। ଗତ ୨ ତାରିଖରେ ତାଙ୍କୁ ବ୍ରହ୍ମପୁର ମେଡିକାଲ ନିଆଯାଇଥିଲା। ପଜିଟିଭ୍ ଥିବାରୁ ୫ ତାରିଖରେ ଅଶ୍ୱିନୀ କୋଭିଡ୍ ହସ୍ପିଟାଲକୁ ସ୍ଥାନାନ୍ତର କରାଯାଇଥିଲା। ସେଠାରେ ତାଙ୍କର ମୃତ୍ୟୁ ଘଟିଥିଲା। ଭୁବନେଶ୍ୱରରୁ ଯବାନ୍‌ଙ୍କ ଦୁଇ ଜଣ ଅଧିକାରୀ ବାଲିପଦର ପହଞ୍ଚିବା ପରେ ରାଷ୍ଟ୍ରୀୟ ମର୍ଯ୍ୟାଦା ସହ ତାଙ୍କର ଶେଷକୃତ୍ୟ ସମ୍ପର୍ଣ୍ଣ ହେବ ବୋଲି ଜଣାପଡିଛି। ନରେନ୍ଦ୍ର ୩ ବର୍ଷ ତଳେ ବାହା ହୋଇଥିଲେ ଏବଂ ତାଙ୍କର ୨ ବର୍ଷର ପୁଅ ଓ ସ୍ତ୍ରୀ ଅଛନ୍ତି।

## ରାଜସ୍ୱ ରଥ ଶୁଭାରମ୍ଭ

**ଦାରିଙ୍ଗବାଡ଼ି,୨୧।୫(ଡି.ଏନ୍.ଏ.)**

ଦାରିଙ୍ଗବାଡ଼ି ତହସିଲ କାର୍ଯ୍ୟାଳୟ ପକ୍ଷରୁ ଶୁକ୍ରବାର ରାଜସ୍ୱ ରଥ ଶୁଭାରମ୍ଭ କରାଯାଇଛି । ତହସିଲଦାର କଳାକୃଷ୍ଣ ପ୍ରଧାନ, ଅତିରିକ୍ତ ତହସିଲଦାର ନରେନ୍ଦ୍ର ମଲିକ ଏହାକୁ ଶୁଭାରମ୍ଭ କରି ତହସିଲ ଅଞ୍ଚଳର ୨୫ ପଞ୍ଚାୟତର ପ୍ରାୟ ୩ଶହ ଗ୍ରାମରେ ଲୋକଙ୍କୁ ଘରେ ଉପଯୁକ୍ତ ସେବା ଯୋଗାଇବା ନେଇ ସମସ୍ତ ରାଜସ୍ୱ ନିରୀକ୍ଷକମାନଙ୍କୁ ପରାମର୍ଶ ଦେଇଛନ୍ତି। କରେନା ପାଇଁ ଜାରି ହୋଇଥିବା ଲକ୍‌ଡାଉନରେ ଲୋକଙ୍କ କାର୍ଯ୍ୟ ତହସିଲ କାର୍ଯ୍ୟାଳୟ ପରିବର୍ତ୍ତେ ନିଜ ଗ୍ରାମରେ ଏହି ରଥ ମାଧ୍ୟମରେ ଯୋଗାଇ ଦିଆଯିବ। ବିଭିନ୍ନ ପ୍ରମାଣପତ୍ର ପାଇଁ ଆବେଦନପତ୍ର ସଂଗ୍ରହ କରି ଘରେ ତାହାକୁ ଯୋଗାଇ ଦିଆଯିବା ବ୍ୟବସ୍ଥା କରାଯାଇଛି । ରଥ ଶୁଭାରମ୍ଭ ବେଳେ ଦାରିଙ୍ଗବାଡ଼ି ରାଜସ୍ୱ ନିରୀକ୍ଷକ କେଦାର ପ୍ରସାଦ ସାହୁଙ୍କ ସମେତ ଅନ୍ୟ କର୍ମଚାରୀ ଉପସ୍ଥିତ ଥିଲେ।

## ରାଜୀବଙ୍କ ବଳିଦାନ ଦିବସ

**ବ୍ରହ୍ମପୁର ଅଫିସ,୨୧।୫**

ପୂର୍ବତନ ପ୍ରଧାନମନ୍ତ୍ରୀ ଭାରତ ରତ୍ନ ରାଜୀବ ଗାନ୍ଧୀଙ୍କ ବଳିଦାନ ଦିବସ ଶୁକ୍ରବାର ଗଞ୍ଜାମ ଜିଲା ଆଇଏନଟିୟୁସି ପକ୍ଷରୁ ବ୍ରହ୍ମପୁରରେ ପାଳିତ ହୋଇଯାଇଛି। କୋଭିଡ କଟକଣା ଯୋଗୁ ଅତି କମ ସଂଖ୍ୟକ ଶ୍ରମିକ ନେତା ଓ କଂଗ୍ରେସ କର୍ମୀଙ୍କୁ ନେଇ ରାଜୀବଙ୍କ ସ୍ମୃତିଚାରଣ କରାଯାଇଥିଲା। ତାଙ୍କ ଦେଶପ୍ରେମ, ତାଙ୍କ ଶାସନରେ କମ୍ପ୍ୟୁଟରୀକରଣ, ୧୮ ବର୍ଷର ସାବାଳକଙ୍କୁ ନିର୍ବାଚନରେ ମତଦାନ ଅଧିକାର, ତ୍ରିସ୍ତରୀୟ ପଞ୍ଚାୟତିରାଜ ବ୍ୟବସ୍ଥା, ଜାତୀୟ ଶିକ୍ଷାନୀତି, ନବୋଦୟ ବିଦ୍ୟାଳୟ ପ୍ରତିଷ୍ଠା ଏବଂ ଦଳବଦଳ ନିରୋଧ ଆଇନ ପ୍ରଣୟନ ଆଦି ଐତିହାସିକ ପଦକ୍ଷେପ ସମ୍ପର୍କରେ ମନେ ପକାଇ ଦିଆଯାଇଥିଲା। ରାଷ୍ଟ୍ରୀୟ ମଜଦୁର କଂଗ୍ରେସ ଜିଲା ସଭାପତି ପୀତବାସ ପଣ୍ଡା କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ।

ଏହି ଅବସରରେ ମହାନଗରର ବିଭିନ୍ନ ମନ୍ଦିରର ପୂଜକଙ୍କୁ ଚାଉଳ ସମେତ ବିଭିନ୍ନ ଖାଦ୍ୟ ସାମଗ୍ରୀ ବଣ୍ଟନ କରାଯାଇଥିଲା। କରୋନା ଯୋଗୁ ହୋଇଥିବା ଲକଡାଉନରେ ଅସହାୟ ଏବଂ ଗରିବଙ୍କୁ ଶୁଖିଲା ଖାଦ୍ୟ ଦିଆଯାଇଥିଲା। ଶ୍ରମିକ ନେତା ଭୀମରାଜୁ ରେଡ଼ି, ଉଦୟନାଥ ପାଣିଗ୍ରାହି, ଅନିରୁଦ୍ଧ ପାତ୍ର, ପ୍ରଶାନ୍ତ ସାହୁ, ପ୍ରଫୁଲ ଘଡ଼େଇ, କୃଷ୍ଣ ମହାପାତ୍ର, ଆରତି ପଟ୍ଟନାୟକ, ସୁନିତା ସାହୁ ବଣ୍ଟନ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

## ଦୁବାଇରୁ ଫେରିଲା ଶ୍ରମିକଙ୍କ ମୃତଦେହ

**ବେଗୁନିଆପଡ଼ା,୨୧।୫(ଡି.ଏନ.ଏ.)**



ମୃତଦେହ ଧରି ଆସିଥିବା ଆମ୍ବୁଲାନ୍ସ ଏବଂ ଉପସ୍ଥିତ ବିଧାୟିକା ଓ ଅନ୍ୟମାନେ।

ମୁଖ୍ୟମନ୍ତ୍ରୀଙ୍କ ସହାୟତା, ଓଡ଼ିଶା ମୋ ପରିବାରର ଓ କବିସୂର୍ଯ୍ୟନଗର ବିଧାୟିକା ଲତିକା ପ୍ରଧାନଙ୍କ ଉଦ୍ୟମରେ ଶୁକ୍ରବାର ଜଣେ ଶ୍ରମିକଙ୍କ ମୃତଦେହ ଦୁବାଇରୁ ଜନ୍ମ ମାଟିକୁ ଫେରିଛି। ମୃତକ ହେଲେ ଗୌରହରି ସ୍ୱାଇଁ (୪୫)। ବେଗୁନିଆପଡା ବ୍ଲକ ମର୍ଦ୍ଦମେଖ ପଞ୍ଚାୟତର ବଡ ଗୁଡ଼ିଆଳି ଗ୍ରାମର ଗୌରହରୀ ଦୁବାଇରେ ପ୍ରବାସୀ ଶ୍ରମିକ ଭାବେ କାମ କରୁଥିଲେ। ଗତ ୫ ତାରିଖରେ ଦୁବାଇରେ ତାଙ୍କର ମୃତ୍ୟୁ ଘଟିଥିଲା। ଉକ୍ତ ପରିବାର ଗରିବ ହୋଇଥିବାରୁ ମୃତଦେହ ଗାଁକୁ ଆଣିବା ସମ୍ଭବପର ନ ଥିଲା। ଏ ନେଇ ତାଙ୍କ ସମ୍ପର୍କୀୟ ପ୍ରମୋଦ କୁମାର ସ୍ୱାଇଁ ଟୁଇଟ ମାଧ୍ୟମରେ କବିସୂର୍ଯ୍ୟନଗର ବିଧାୟିକା ଲତିକା ପ୍ରଧାନଙ୍କୁ ସାହାଯ୍ୟ ପାଇଁ ଅନୁରୋଧ କରିଥିଲେ। ବିଧାୟିକାଙ୍କ ଉଦ୍ୟମ ଓ ଓଡ଼ିଶା ମୋ ପରିବାରର ସହାୟତାରେ ମୃତଦେହ ଗାଁକୁ ଆସିଛି। ଏଥିସହ ବିଧାୟିକା ଆର୍ଥିକ ସହାୟତା ମଧ ପ୍ରଦାନ କରିଛନ୍ତି। ଭବିଷ୍ୟତରେ ମଧ ସମସ୍ତ ସୁବିଧା ଓଡ଼ିଶା ମୋ ପରିବାର ଓ ରେଡ୍‌କ୍ରସ ତରଫରୁ ଯୋଗାଇ ଦିଆଯିବ ବୋଲି ବିଧାୟିକା କହିଛନ୍ତି। ବିଡିଓ ବେଦବର ପ୍ରଧାନ, ସରପଞ୍ଚ ହୃଷୀକେଶ ମେହେଣା ଓ ଗ୍ରାମବାସୀ ଉପସ୍ଥିତ ଥିଲେ।

## ଫାର୍ମହାଉସ୍‌ରେ ମୃତଦେହ ଜବତ ଘଟଣା: ୨ ଗିରଫ

**ପାରଳାଖେମୁଣ୍ଡି,୨୧।୫(ଡି.ଏନ୍.ଏ.)**

ଗୁମ୍ମା ବ୍ଲକ ନରହରିପୁର ଗ୍ରାମ ନିକଟରେ ଥିବା ବିଶିଷ୍ଟ ଶିଳ୍ପପତି ଡଃ ତିରୁପତି ପାଣିଗ୍ରାହୀଙ୍କ ଫାର୍ମ ହାଉସରୁ ଗତ ୧୨ରେ ଜଣେ ମହିଳାଙ୍କ ମୃତଦେହ ପୋଲିସ ଜବତ କରିଥିଲା। ମୃତ ମହିଳା ହେଲେ ତୁମୁଳ ଗ୍ରାମର ଅମ୍ବିକା ଶବର। ଘଟଣାସ୍ଥଳରେ ସାଇଣ୍ଟିଫିକ୍ ଟିମ ପହଞ୍ଚି ପ୍ରାଥମିକ ତଦନ୍ତ କରିଥିଲେ। ମୃତ ମହିଳାଙ୍କ ବାପା ଜମ୍ବେଲା ରାଇକାଙ୍କ ଏତଲାକୁ ଭିତ୍ତି କରି ପୋଲିସ ନଂ. ୧୦୧/୨୧ରେ ଏକ ହତ୍ୟା ମାମଲା ରୁଜୁ କରିଥିଲା। ଏହି ଘଟଣାରେ ପୋଲିସ ୨ ଜଣ ଯୁବକଙ୍କୁ ଶୁକ୍ରବାର କୋର୍ଟ ଚାଲାଣ କରିଛି। ସେମାନେ ସେରଙ୍ଗ ଥାନା ଅନ୍ତର୍ଗତ ତିତିସିଙ୍ଗ ଓ ଏଦୀ ଗ୍ରାମର ବୋଲି ଜଣାପଡିଛି। ଅଭିଯୁକ୍ତମାନେ ଉକ୍ତ ମହିଳାଙ୍କୁ ହତ୍ୟା କରିଥିବା ପୋଲିସ ଆଗରେ ସ୍ୱୀକାରୀ କରିଛନ୍ତି। ଏହା ପ୍ରେମ ଜନୀତ ହତ୍ୟାକାଣ୍ଡ ବୋଲି ଉଭୟେ କହିଛନ୍ତି।

## ଭାଜପା ଯୁବନେତାଙ୍କୁ ହତ୍ୟା ଧମକ ଅଭିଯୋଗ

**ଦିଗପହଣ୍ଡି,୨୧।୫(ଡି.ଏନ.ଏ.)**

ଦିଗପହଣ୍ଡି ବ୍ଲକ ବୋମକେଇ ଗ୍ରାମରେ ରହୁଥିବା ଗଞ୍ଜାମ ଜିଲା ଭାଜପା ଯୁବମୋର୍ଚ୍ଚା ସାଧାରଣ ସମ୍ପାଦକ ବାପି ପ୍ରଧାନଙ୍କୁ ଜଣେ ଯୁବକ ଫୋନ ଯୋଗେ ହତ୍ୟା ଧମକ ଦେଇଥିବା ଅଭିଯୋଗ ହୋଇଛି। ସେ ଏନେଇ ଶୁକ୍ରବାର କେ. ନୂଆଗାଁରେ ଏତଲା ଦେଇଛନ୍ତି। ପୋଲିସ ନଂ. ୧୦୪/୨୧ ଅନୁଯାୟୀ ମାମଲା ରୁଜୁ କରି ତଦନ୍ତ ଚଳାଇଛି। ବମକେଇ ପଞ୍ଚାୟତରେ ବିଭିନ୍ନ ଉନ୍ନୟନ କାର୍ଯ୍ୟରେ ଶ୍ରମିକ ବଦଳରେ ମେଶିନ ବ୍ୟବହାର କରାଯାଉଛି। ମଷ୍ଟରରୋଲରେ ମିଥ୍ୟା ବିଲ କରାଯାଇ ସ୍କୁଲ,କଲେଜ ଛାତ୍ରଙ୍କ ନାମରେ ଥିବା ବ୍ୟାଙ୍କ ଆକାଉଣ୍ଟ ଗୁଡ଼ିକୁ ମଜୁରୀ ପଠାଯାଉଛି। ପ୍ରକୃତ ଶ୍ରମିକମାନେ କାମ ପାଉ ନାହାନ୍ତି। ଏନେଇ ସେ ଅଭିଯୋଗ କରିବାରୁ ହତ୍ୟା ଧମକ ମିଳିଥିବା ଏତଲାରେ ବାପି ଉଲ୍ଲେଖ କରିଛନ୍ତି।

# ନଅ ଖଣ୍ଡ ଗ୍ରାମକୁ ଚୁଆପାଣି ଭରସା

**ବୈଦ୍ୟନାଥ ବେହେରା**

**ଖଜୁରିପଡ଼ା,୨୧।୫(ଡି.ଏନ.ଏ.)**


ନାଳର ଚୁଆରୁ ପାଣି ସଂଗ୍ରହ କରୁଛନ୍ତି ମହିଳା।

### ସୁଡୁକୁମ୍ପା ପଞ୍ଚାୟତ

- ବସୁଧା ଯୋଜନା ସାତ ସପନ
- ବ୍ୟାପୁଛି କିଡ୍‌ନୀ ରୋଗ

ଖଜୁରିପଡ଼ା ବ୍ଲକ ସୁଡୁକୁମ୍ପା ପଞ୍ଚାୟତ ଅନ୍ତର୍ଗତ ନଅ ଖଣ୍ଡ ଗ୍ରାମକୁ ପାନୀୟ ଜଳ ସମସ୍ୟା ଲାଗିରହିଛି। ଫଳରେ ଲୋକମାନେ ନାଳ ଚୁଆପାଣିକୁ ବ୍ୟବହାର କରୁଛନ୍ତି। ରାଣୀପଥର, ଖାଣ୍ଡିକୁଟି, କୁଆଘରା, କୁଣ୍ଡାପଥର, ବାଘିଆଣ୍ଟ, ବଡ଼ଆଣ୍ଟ, କେଶରପଡ଼ା, ଘାଟିଗାଁ, ଗେଟାମୁଣ୍ଡା ଫୁଲବାଣୀଠାରୁ ବୌଦ୍ଧ ଜିଲାକୁ ସଂଯୋଗ କରୁଥିବା ଜିଲାର ଶେଷ ସୀମାବର୍ତ୍ତୀରେ ଅବସ୍ଥିତ। ହେଲେ ସ୍ୱାଧୀନତାର ୭୪ ବର୍ଷ ବିତିଯାଇଥିଲେ ମଧ ଉକ୍ତ ଗ୍ରାମକୁ ବସୁଧା ଯୋଜନା ସାତ ସପନ ହୋଇଛି। ବର୍ଷ ବର୍ଷ ଧରି ସ୍ଥାନୀୟ ଅଞ୍ଚଳବାସୀ ନାଳର ଚୁଆପାଣିକୁ ଭରସା କରି ଚଳି ଆସୁଛନ୍ତି। ଆଉ ଯେତେ ନଳକୂପ ରହିଛି ଏହାର ପାଣିକୁ ବ୍ୟବହାର କରି ଲୋକଙ୍କୁ କିଡ୍‌ନୀ ରୋଗ ବ୍ୟାପିବାରେ ଲାଗିଛି। ସେହିଭଳି ନାଳର ଚୁଆପାଣି ବ୍ୟବହାର କରି ଅନେକେ ରୋଗରେ ପୀଡ଼ିତ ହୋଇ ମୃତ୍ୟୁବରଣ କଲେଣି। ସୂଚନାଯୋଗ୍ୟ, ସରକାର ବିଭିନ୍ନ ଯୋଜନାରେ କୋଟି କୋଟି ଟଙ୍କା ବ୍ୟୟ କରି ଗ୍ରାମାଞ୍ଚଳରେ ସ୍ୱଚ୍ଛ ପାନୀୟ ଜଳ ଯୋଗାଣ କରିବାକୁ ନିର୍ଦ୍ଦେଶ ରହିଛି। ହେଲେ ଏହି ନଅ ଖଣ୍ଡ ମୌଜା ୧୫୭ ଜାତୀୟ ରାଜପଥ କଡ଼ରେ ଥାଇ ମଧ ଆଜି ପର୍ଯ୍ୟନ୍ତ ପାନୀୟ ଜଳ ବ୍ୟବସ୍ଥାରୁ ବଞ୍ଚିତ ହୋଇଛନ୍ତି। ଏ ନେଇ ପ୍ରଶାସନକୁ ବାରମ୍ବାର ଅଭିଯୋଗ କଲେ ମଧ କୌଣସି ସୁଫଳ ମିଳୁନାହିଁ। ଏଥିପାଇଁ ଗତ ୪ ତାରିଖରେ ସାମାଜିକ କର୍ମୀ ବୈଦ୍ୟନାଥ ବେହେରାଙ୍କ ନେତୃତ୍ୱରେ ନଅ ଖଣ୍ଡ ଗ୍ରାମବାସୀଙ୍କ କଟକଣା ମଧ୍ୟରେ ବୈଠକ ବସିଥିଲା। ବସୁଧା ଯୋଜନାରେ ପାନୀୟ ଜଳ ଯୋଗାଣ ପାଇଁ ଦାବିପତ୍ର ମଧ ଜିଲା ପ୍ରଶାସନକୁ ଦେଇଛନ୍ତି। ଦାବି ପୂରଣ ନ ହେବା ଯାଏ ପ୍ରତ୍ୟେକ ମାସରେ ବୈଠକ ବସିବ ବୋଲି ସାମାଜିକ କର୍ମୀ କହିଛନ୍ତି।

